ଖଣିଜ ରାଜସ୍ୱରେ ସର୍ବକାଳୀନ ରେକର୍ଡ

ଭୁବନେଶ୍ୱର, (ତଥ୍ୟ) : ୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟ ସରକାର ସର୍ବକାଳୀନ ଖଣିଜ ରାଜସ୍ୱ ଆଦାୟ କରିଛନ୍ତି । ଏହାର ପରିମାଣ ୧୦ହଜାର କୋଟି ଟଙ୍କାରୁ ଅଧିକ ରହିଛି । ଆର୍ନ୍ତଜାତୀୟ ବଜାରରେ ଚାହିଦା ବଢିବା ସହିତ ଖଣିଜ ପଦାର୍ଥର ଦରବୃଦ୍ଧି ଘଟିଥିବାରୁ ଓଡିଶା ଭଳି ଖଣିଜସମ୍ପଦ ଭରା ରାଜ୍ୟ ଅଧିକ ଖଣି ରାଜସ୍ୱ ପାଇପାରିଛି । ସର୍ବଶେଷ ହିସାବ ଅନୁଯାୟୀ ୩୧ ମାର୍ଚ୍ଚ ୨୦୧୯ ସୁଦ୍ଧା ଖଣିଜ କ୍ଷେତ୍ରରୁ ଓଡିଶା ସରକାର ୧୦,୨୯୪ କୋଟି ୩୯ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରିଛନ୍ତି । ଖଣି ରାଜସ୍ୱ ଆଦାୟ କ୍ଷେତ୍ରରେ ଏହା ସର୍ବକାଳୀନ ରେକର୍ଡ ବୋଲି ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ସୂତ୍ରରୁ ଜଣାପଡିଛି । ରାଜ୍ୟର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଏହି ଅର୍ଥ ବେଶ ସହାୟକ ହେବବୋଲି ଜଣେ ଅଧିକାରୀ କହିଛନ୍ତି । ଖଣିଜ କ୍ଷେତ୍ରରୁ ଅଣ ଟିକସ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ ଦେଉଥିବା ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା ସନ୍ତୋଷ ପ୍ରକଟ କରିଥିବା ଜଣାଯାଇଛି । ଖଣି ରାଜସ୍ୱ ଆଦାୟ କ୍ଷେତ୍ରରେ ଯେଉଁ ସମସ୍ୟା ରହିଥିଲା ଶ୍ରୀ ଶର୍ମା ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଯୋଗୁଁ ଅଧିକ ପରିମାଣରେ ରାଜସ୍ୱ ଆଦାୟ ହୋଇପାରିଛି । ୨୦୧୭-୧୮ ଆର୍ଥିକ ବର୍ଷରେ ଖଣି ରାଜସ୍ୱ ପରିମାଣ ମାତ୍ର ୬୧୩୦କୋଟି ଟଙ୍କା ଥିଲା । ୨୦୧୮-୧୯ବର୍ଷରେ ଖଣିଜ ଉତ୍ପାଦନ ୨୮୯.୫୫ ନିୟୁତ ଟନ୍‌ରେ ପହଞ୍ଚି ଥିବାବେଳେ ଏହା ପୂର୍ବବର୍ଷ ଅର୍ଥାତ ୨୦୧୭-୧୮ ଆର୍ଥିକ ବର୍ଷରେ ଏହା ୨୭୦.୮୪ ନିୟୁତ ଟନ୍‌ରେ ସୀମିତ ଥିଲା । ସେହିଭଳି ୨୦୧୮-୧୯ବର୍ଷରେ ଓଡିଶା ୧୧୮ ନିୟୁତ ଟନ୍ ଲୁହାପଥର ଉତ୍ପାଦନ କରିଥିବାବେଳେ ଏହା ପୂର୍ବ ଆର୍ଥିକ ବର୍ଷରେ ଉତ୍ପାଦିତ ଲୁହାପଥର ପରିମାଣ ୧୦୫ ନିୟୁତ ଟନ ରହିଥିଲା । ଅନୁରୂପ ଭାବେ ଲୁହାପଥର ରପ୍ତାନି ପରିମାଣ ୨୦୧୮-୧୯ବର୍ଷରେ ୧୪୦ନିୟୁତ ଟନ୍‌କୁ ଟପିଥିବାବେଳେ ୨୦୧୭-୧୮ ବର୍ଷରେ ଏହା ୧୨୫.୯ ନିୟୁତ ଟନ୍ ଥିଲା । ବିଶ୍ୱର ଅନ୍ୟତମ ଲୁହାପଥର ରପ୍ତାନୀକାରୀ ବ୍ରାଜିଲରେ ଦୁର୍ଘଟଣା ପରେ ଆର୍ନ୍ତଜାତୀୟ ବଜାରରେ ଏହି ଖଣିଜ ସମ୍ପଦର ଦର ବୃଦ୍ଧି ପାଇଛି । ଏହି ସମୟରେ ଓଡିଶା ଅଧିକ ଲୁହାପଥର ଉତ୍ପାଦନ ଆରମ୍ଭ କରିବା ସହିତ ରପ୍ତାନି ବି ବଢାଇଛି । ଆର୍ନ୍ତଜାତୀୟ ବଜାରରେ ଶିଳ୍ପ ସଂସ୍ଥା ଗୁଡିକର ଲୁହାପଥର ଚାହିଦା ବୃଦ୍ଧି ପାଉଥିବା ରପ୍ତାନିକାରୀମାନେ କହୁଛନ୍ତି । ୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ମୋଟ ଲୁହାପଥର ଆବଶ୍ୟକତା ୨୦୧ ନିୟୁତ ଟନ ଥିବାବେଳେ ଘରୋଇ ଉତ୍ପାଦନ ପରିମାଣ ୨୧୦ ନିୟୁତ ଟନ ରହିଥିଲା । ଏଥି ସହିତ ୧୫.୬ ନିୟୁତ ଟନ ଲୁହାପଥର ଆମଦାନୀ ହେଉଥିବା ଜଣାଯାଇଛି । ତଦନୁଯାୟୀ ଗତ ଆର୍ଥିକ ବର୍ଷରେ ଦେଶରେ ୨୪.୫ ନିୟୁତ ଟନ ବଳକା ଲୁହପଥର ରହିଥିଲା ।

ଟିଭିଏସ୍ ଭିକ୍ଟରରେ ସିଙ୍କ୍ରୋନାଇଜଡ୍ ବ୍ରେକିଂ ପ୍ରଯୁକ୍ତିର ବ୍ୟବହାର

ମୁମ୍ବାଇ : ଟିଭିଏସ୍ ମୋଟର କଂପାନି ତରଫରୁ ଏହାର ମୋଟରସାଇକଲ୍ ଟିଭିଏସ୍ ଭିକ୍ଟରରେ ସିଙ୍କ୍ରୋନାଇଜଡ୍ ବ୍ରେକିଂ ପ୍ରଯୁକ୍ତି (ଏସବିଟି)କୁ ବ୍ୟବହାର କରାଯାଇଛି । ଏହି ପ୍ରଯୁକ୍ତିର ସବୁଠୁ ବଡ଼ ଲାଭ ହେଉଛି ବ୍ରେକ୍ ଲଗାଇବା ବେଳେ ଦୂରତାକୁ ଏହା କମାଇଦେବ ଏବଂ ଗାଡ଼ିର ସ୍ଥିରତା ବଜାୟ ରଖିବ । ଏହି ପ୍ରଯୁକ୍ତିରେ ଯେତେବେଳେ ପଛ ବ୍ରେକ୍ ବ୍ୟବହାର କରାଯାଏ, ଆଗ ବ୍ରେକ ଆପେ ଆପେ ବ୍ୟବହାର ହୋଇଯାଏ । ଏହି ପ୍ରଯୁକ୍ତିରେ ବ୍ରେକିଂ ଦୂରତା ୧୦% କମିଯିବ । ଡୁଆଲ୍ ସ୍ପ୍ରିଙ୍ଗ ସିରିଜ୍ ସସ୍‌ପେନ୍‌ସନ୍ ସହିତ ଏହାର ଲମ୍ବା ସିଟ୍ ଚାଳକଙ୍କୁ ଗାଡ଼ି ଚଳାଇବା ବେଳେ ଆରାମର ପ୍ରତିଶ୍ରୁତି ପ୍ରଦାନ କରୁଛି । ଏହାର ଗ୍ରାଫିକ୍ ଅତ୍ୟନ୍ତ ଜୀବନ୍ତ ହୋଇଥିବା ବେଳେ ଏଲଇଡି ଡିଆରଏଲ୍ ଗାଡ଼ିକୁ ଅଧିକ ସୁନ୍ଦର କରିଛି । ଟିଭିଏସ୍ ଭିକ୍ଟରର ପ୍ରିମିୟମ୍ ଏଡିସନ୍‌ରେ କ୍ରୋମ୍ ସାଇଡ୍ କଭର, କ୍ରୋମ୍ କ୍ରାଶ ଗାର୍ଡ, ଗୋଲଡେନ କେସ ଇଂଜିନ କଭର, ଷ୍ଟାଇଲିସ ଗ୍ରାଫିକ୍ସ, ଡୁଆଲ ଟୋନ ସିଟ ବ୍ୟବହାର କରାଯାଇଛି । ଏହା ବ୍ଲାକ ଗୋଲ୍ଡ, ରେଡ ଗୋଲ୍ଡ, ମେଟ ବ୍ଲୁ ଏବଂ ମେଟ ସିଲଭର ରଙ୍ଗରେ ଉପଲବ୍ଧ ହେଉଛି । ମୋଟରସାଇକଲ ଷ୍ଟ୍ରିପଫୁଲ ବ୍ଲୁ, ଜେନରସ ଗ୍ରେ, ବିଟିଫିକ ବ୍ଲାକ ସିଲଭର, ରେଷ୍ଟଫୁଲ୍ ରେଡ ଏବଂ ବାଲାନ୍ସଡ ବ୍ଲାକ ରଙ୍ଗରେ ଉପଲବ୍ଧ ହେଉଛି । ଟିଭିଏସ୍ ଭିକ୍ଟର ଏସବିଟି ଉଭୟ ଡିସ୍କ ଏବଂ ଡ୍ରମ ଭାରିଆଂଟରେ ମିଳୁଛି ।

MCL

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍

(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର-୭୬୮୦୨୦, ଜିଲ୍ଲା : ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (EPABX: ୦୬୬୩-୨୫୪୨୪୬୧- ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍‌ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (http://coalindiatenders.nic.in) ରେ ପ୍ରକାଶିତ ହୋଇଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀନ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (http://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବସାଇଟଗୁଡ଼ିକୁ ଦେଖନ୍ତୁ ।

କ୍ର. ସଂ.	ଟେଣ୍ଡର ଆଇଡି	କାର୍ଯ୍ୟ/ସେବାର ନାମ	ଟେଣ୍ଡର ମୂଲ୍ୟ ₹
1	2019_MCL_131501_1	Construction of 04 nos. Class Rooms and a Multi purpose Hall at Saraswati Sishu Vidya Mandir, Burla, Sambalpur Under CSR of MCL (2nd Re-tender).	7709912.00
2	2019_MCL_134917_1	Hiring of One No. of Indigo or equivalent having minimum seating capacity of 5(4plus1) for engagement at 24Hrs/day, 100Km/day run for a period of Six Months for deployment at Project Officer, Talcher Colliery.	402876.00
3	2019_MCL_134947_1	Annual drinking water supply through tanker at Naik Sahi, Hensmul High School, Hensmul Rehabilitation site, Dera Harizan Sahi and Ragadi Sahi of Ananta OCP for 02 two years.	3779134.00
4	2019_MCL_134951_1	Spraying of water through water tanker in Coal Transportation Road from Baidya Sahi Chawk to old Saraswati Shishu Mandir Chawk under Bhubaneswari OCP, Jagannath Area. (For a period of 180 days)	923749.00
5	2019_MCL_134957_1	Spraying of water for dust supression through water tanker on coal corridor Road at Ananta OC Project for a period of 02(two) years.	5290403.00
6	2019_MCL_134959_1	Engagement of manpower for firefighting at Jagannath Colliery for a period of 01(one) year.	326155.00
7	2019_MCL_134988_1	Hiring of One (1) Jeep (Bolero/ Sumo or its equivalent) (6 plus 1 seater or more) fitted with AC for KOCP for 12 hrs per day duty for two years at Basundhara Area (682 days) (2800km run per month)	711326.00
8	2019_MCL_134995_1	Hiring of One (1) Camper(4 plus 1 seater) or equivalent for 12 hrs per day duty at B(W)OCP for two years at Basundhara Area(682 days)(2800km run per month).	650628.00
9	2019_MCL_134832_1	Repair and maintenance of road, drain, boundary wall and NRBs of Ganeshnagar (R and R) of LKP OCP at Lakhanpur Area.(2nd Retender)	5074317.00
10	2019_MCL_134834_1	Diversion of water supply pipe line to Jurabaga substation colony at BIT of Lakhanpur Area. (1st Retender)	4209424.00
11	2019_MCL_134835_1	Replacement of sluice valves of colony water supply arrangement at BIT of Lakhanpur Area.(1st Retender)	879475.00
12	2019_MCL_134908_1	Providing barbed wire and stone pack wall fencing around mine boundary of LKP OCP of Lakhanpur Area.	6798078.00
13	2019_MCL_134921_1	Strengthening of coal transportation road at quarry No.05 of LKP OCP at Lakhanpur Area.	9663209.00
14	2019_MCL_134932_1	Strengthening of coal transportation road from quarry No.01 to in motion weigh bridge no.01 of LKP OCP at Lakhanpur Area.	6828279.00
15	2019_MCL_134747_1	Procurement of Fire resistant grade Steel Cord Conveyor Belting of width 1200 mm	16874683.00
16	2019_MCL_134820_1	Supply of Fire Resistant Grade Rubber conveyor belting , Nylon / Nylon fabric construction of various sizes and strength	9637370.00
17	2019_MCL_134982_1	Procurement of Power Transformer for different areas of MCL	43018000.00
18	2019_MCL_134985_1	Hiring of one no. AC running covered jeep (Innova or equivalent) having seating capacity 6 plus 1 on 16 hours duty basis with deployment of two nos. of drivers, max run 3000 km/month for 02 years (682 working days) for GM Secretariat, Lakhanpur Area.	1818894.00
19	2019_MCL_134996_1	Hiring of one no. Mini Truck having carrying capacity 3 Ton to 4 Ton on 12 hrs duty basis (with one (including staggered rest) driver)max run 2500 km/month for 02 years(682 working days) for Lakhanpur OCP, Lakhanpur Area, MCL	1141668.00
20	2019_MCL_135012_1	Procurement of SDL Spares for Nandira colliery MCL Talcher Area	34060.00
21	2019_MCL_135040_1	Repairing of road from GM Office Orient Area main Gate to MRS Colony Gate(2nd re-tender).	580256.00
22	2019_MCL_135045_1	Hiring of Two (02) Nos. Diesel Covered jeep Bolero / Sumo or equivalent, minimum 7 seater with AC fitted, Daily 24 hours operation for a period of Two Years for PO Office Pool, LOCP, Lingaraj Area with monthly limit within 4262.50 km and 4972.92 km	3609144.00
23	2019_MCL_135046_1	Hiring of One (01) No. Diesel Covered jeep Bolero / Sumo or equivalent, minimum 7 seater with AC fitted, Daily 16 hours operation for a period of Two Years for PO Office Pool, LOCP, Lingaraj Area with monthly limit within 4262.50 km.	1391280.00
24	2019_MCL_135047_1	Hiring of Two (02) Nos. Diesel Indigo/ Swift Dzire / Etios car or equivalent with AC fitted, Daily 12 hours operation for a period of Two Years for GM Office Pool, Lingaraj Area with monthly limit within 3410 km.	1800480.00
25	2019_MCL_135084_1	Making of 2 Two nos shed for E and M and safety department near time office at Kaniha OCP of Kaniha Area MCL	1894463.00
26	2019_MCL_135094_1	Dismantling of Old 33KV Neutral Current Transformer and Installation, Commissioning and Testing of new 33KV Neutral Current Transformers at 132 KV Central substation, Jorabaga , Lakhanpur Area	111044.00
27	2019_MCL_135013_1	Drainage Dewatering of rain water from road surface,Cleaning of Culverts and Laying of Hume pipe for Culverts at Bharatpur Project.	549623.00
28	2019_MCL_135050_1	Annual cleaning and up-keeping of Mandalia colony for one year under Orient Sub-Area (1st retender)	834611.00
29	2019_MCL_134792_1	PROCUREMENT OF DIGITAL X-RAY FILM	159904.00
30	2019_MCL_135053_1	PROCUREMENT OF HAND OPERATED GREASING PUMP	230427.00
31	2019_MCL_135060_1	PROCUREMENT OF POWER MASTER PUMP STATION ASSY	942692.00
32	2019_MCL_135136_1	Supply of Insulators for Kaniha OCP	175600.00
33	2019_MCL_135149_1	PROCUREMENT OF UPPER AND LOWER CASING FOR KIRLOSKAR MAKE SCT PUMP	2700800.00
34	2019_MCL_135155_1	Hiring of a Dallah Truck (half Dallah of iron made) with minimum 10 Te. capacity (6 wheeler) for 12 hours duty for use at 132/33 KV Sub-Station, Jagannath Area for 682 days in a period of 02 (two) years.	2213772.00
35	2019_MCL_135100_1	Miscellaneous civil works required for installation of new 100 Te static road weigh bridge near coal stock at BOCM of Lakhanpur Area.	2275947.00
36	2019_MCL_135152_1	Supply on rent with installation and maintenance of 250 Nos. full size Air Coolers for summer season 2019 for 90 days at Lakhanpur Area	627264.00
37	2019_MCL_135135_1	Supply of Dress materials for Lakhanpur Area.	967063.00
38	2019_MCL_135169_1	Sampling of coal at Hingula OCP, Hingula Area to improve quality and size of coal.	2144929.00
39	2019_MCL_135123_1	Erection, dismantling and other related works in Overhead Line 3.3kV Power Feeder No. 01, 02 and 10 drawn from Sub-Station to Quarry as required from time to time during advancing of mine at Lingaraj OCP , Lingaraj Area , for a period of one year	3437228.00
40	2019_MCL_135161_1	AMC of Exchange MDF Telecom Network i.e. D.P.Boxes, C.T.Boxes Service line spread over GM Office and all establishments of Talcher Area with minimum manpower strength of One Semi-skilled labour (Tel. Mechanic) and One Unskilled Labour (Tel. Lineman)	315533.00
41	2019_MCL_135124_1	Repairing and Maintenance of Hume steel Pipeline (600 mm dia.) as and when required from Intake Well to Balram GWR of IWSS, Lingaraj Area for a period of one year.	248487.00
42	2019_MCL_135209_1	Supply of drinking water to CWS(X), Talcher colony underground tank/well and CWS(X) premises UG tank of CWS(X), Talcher for a period of 03 months	368356.00
43	2019_MCL_135238_1	PROCUREMENT OF DIFFERENT SPARES FOR TATA-1200 HYDRAULIC EXCAVATOR	614670.00
44	2019_MCL_135208_1	Procurement of Ferric Alum and Bleaching Powder for filter plants of Orient Sub-Area and Rampur Sub-Area.	213120.00
45	2019_MCL_135183_1	Supply of drinking water to water scarcity villages nearby SOCP during summer season 2019 under CSR scheme of IB Valley Area(1st retender).	678830.00
46	2019_MCL_135186_1	Water supply through water tanker to Madhuban nagar,Sanjob,Khadia Pada and Buro pada under LOCP of IB Valley Area for one year under CSR work(Except rainy season)(1st retender).	467280.00
47	2019_MCL_135195_1	Supply of drinking water to village Lajkura near SOCP at IB Valley Area for one year.	344560.00
48	2019_MCL_135210_1	Water Proofing Treatment by APP on the roof top of building of Substation, Control room, MTK and PO office at LOCP of IBVA.	476027.00
49	2019_MCL_135230_1	Replacement of worn out W.C and Bath room angle door frame and back side steel door of Hill Top Colony and Gopi Vihar Colony of SOCP at IB Valley Area.	2968665.00
50	2019_MCL_135235_1	Regular cleaning and Up keeping of excavation workshop complex including contractual cleaning of Dumpers, Dozers ,Drills, Shovels and other machineries at SOCP,IB Valley Area for 02 (Two) years.	5031101.00
51	2019_MCL_135237_1	Procurement of Winding Engine Rope of size 32mm for MCL Talcher Area.	863170.00
52	2019_MCL_135126_1	Extension of Temporary CT Road from Old view point to Nakeipasi Football Field of Bharatpur OCP.	8728804.00
53	2019_MCL_135181_1	Supply of ABC Pressure type Fire Extinguishers.	406593.00
54	2019_MCL_135220_1	Supply of Spares for ACE Rhino 90C Cranes.	129035.00
55	2019_MCL_135243_1	Providing Temporary Coal Transportation Road from CT Road Junction towards Nakeipasi Football Field.	4463417.00
56	2019_MCL_135249_1	Annual cleaning and up-keeping of G.M. Office and MRS office at Orient Area	645363.00
57	2019_MCL_135288_1	Supply of Shunt Capacitor.	310104.00
58	2019_MCL_135263_1	Making of 20 nos. of joints by hot vulcanizing process for cross jointing in steel cord belting (1200 mm width) in C-4 conveyor of RLS, BOCP for one year.	1390000.00
59	2019_MCL_135264_1	AMC for Cross belt jointing and drum lagging by cold/hot joint in rubber belt conveyors of CHP and RLS of Bharatpur OCP for a period of one year.	1331245.00
60	2019_MCL_135282_1	Miscellaneous works ie., extension of pendal, 1st floor verandah grill with brick work, cycle shed extension and security post etc., at DAV Girls High School at CWS X, Talcher.	2549730.00
61	2019_MCL_135310_1	Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 24 hours shift duty for use of CIMFR officials at Jagannath Area for 682 days in 02(two) years.	1857086.00
62	2019_MCL_135271_1	Repair and Calibration of 07 nos BOSCH make Fuel Injection Pumps(F.I.Ps) suitable for BS6D-140/BSA6D140 Engines applicable to BEML make BG-825 Motor Grader / WS 28-2 Water Sprinkler.	600502.00
63	2019_MCL_135314_1	Hiring of 01 no. Air Conditioned 7 seater (6 plus 1) Hard Top diesel jeep or equivalent SUV, max 3300 Km run per month, 12 hrs duty for two year (341 days per year) for SOCP, IB Valley Area.	925133.00
64	2019_MCL_135320_1	Hiring of a Mahindra Bolero / Tata Pick up or equivalent cabin seat 4 plus 1 and minimum 1 (one) Ton Load capacity in rear load body for 24 hours shift duty for use of CIMFR at Jagannath Area for 682 days in 02(two) years.	3291332.00
65	2019_MCL_135273_1	Widening of existing Kishoripal village road for a length 720.00 mtr. From Arjunakata junction under CSR activities of Talcher Area.	2270183.00

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟକ କେନ୍ଦ୍ର (ଫୋନ୍ ନଂ. : 0663-2542695/2542264, ଇ-ମେଲ : hlp-eproc.mcl@coalindia.in) R-4898

ଆମର ଆପ୍ସ୍ ପାଇବା ପାଇଁ ଦେୟମୁକ୍ତ (ଟୋଲ୍ ଫ୍ରି) ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍ କଲ୍ କରନ୍ତୁ ।

ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ଜମୁଛି ପ୍ରଚାର

ଭୁବନେଶ୍ୱର, (ତଥ୍ୟ) : ଓଡିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ ହେବାକୁ ଆଉ ମାତ୍ର ସପ୍ତାହଟିଏ ବାକି ଅଛି । ତେଣୁ ବିଭିନ୍ନ ରାଜନୈତିକଦଳ ପକ୍ଷରୁ ପ୍ରଚାର ଅଭିଯାନ ଏହି ନିର୍ବାଚନମଣ୍ଡଳୀ ଗୁଡିକରେ ବେଶ ସରଗରମ ହୋଇପଡିଲାଣି । ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ, ବିଜେପି ସଭାପତି ଅମିତ ଶାହାଙ୍କ ଘନ ଘନ ଓଡିଶା ଗସ୍ତ ଓ ଏହାକୁ ମୁକାବିଲା କରିବାପାଇଁ ବିଜେଡିର ରଣକୌଶଳ ଯୋଗୁଁ ଚାରିଟି ଲୋକସଭା ଓ ତଦସଂଲଗ୍ନ ୨୮ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଉତ୍ତାପ ସୃଷ୍ଟି କରିଛି । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧୧ ତାରିଖରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀ ସମେତ ନୂଆପଡା, ଖଡିଆଳ, ଲାଞ୍ଜିଗଡ, ଜୁନାଗଡ, ଧର୍ମଗଡ, ଭବାନୀପାଟଣା, ନର୍ଲା, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ, ମାଲକାନଗିରି, ଚିତ୍ରକୋଣ୍ଡା, ଗୁଣୁପୁର, ବିଷମକଟକ, ରାୟଗଡା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ, ପଟାଙ୍ଗୀ, ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା ଓ ପାରଳାଖେମୁଣ୍ଡି ବିଧାନସଭା ଆସନରେ ଭୋଟଗ୍ରହଣ କରାଯିବ । ଏଥିପାଇଁ ପ୍ରଚାର ଅଭିଯାନ ୯ଅ ତାରିଖରେ ଶେଷ ହେବ । ନିର୍ବାଚନ ଘୋଷଣା ପୂର୍ବରୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ଜିଲ୍ଲା ଗୁଡିକୁ ବାରମ୍ବାର ଡୋପାନୀ ଗସ୍ତ କରିଛନ୍ତି । ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଆଦି ମଧ୍ୟ ବିଜେପି ପାଇଁ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁଡିକରେ ବ୍ୟାପକ ସଭାସମିତି କରୁଛନ୍ତି । ଏବେ ଏହି ଚାରିଟି ଯାକ ବିଧାନସଭା କ୍ଷେତ୍ରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନ ଗସ୍ତରେ ଆସିଥିବାବେଳେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ମଧ୍ୟ ନିର୍ବାଚନୀ ସଭା କରି ଫେରିଛନ୍ତି । ସପ୍ତାହକ ଭିତରେ ତିନି ପ୍ରମୁଖ ରାଜନୈତିକଦଳର ବହୁ ନେତା ଏହି ଚାରିଟି ଲୋକସଭା ଓ ୨୮ଟି ଯାକ ବିଧାନସଭା ଆସନରେ ପ୍ରଚାର ଅଭିଯାନକୁ ଶେଷ ସ୍ପର୍ଶ ଦେବେ । ଏଥିଲାଗି ବିଭିନ୍ନ ଦଳ ପକ୍ଷରୁ ତାରକା ପ୍ରଚାରକଙ୍କ ନାମ ଘୋଷଣା କରାଯାଇଛି । ନିର୍ବାଚନ ପାଖେଇ ଆସୁଥିବାବେଳେ ବ୍ୟାପକ ଚଢାଉ ଅଭିଯାନ କରାଯିବା ଫଳରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗାଡି ଗୁଡିକର ଖାନ ତଲାସି କରାଯାଇ ପୁଳା ପୁଳା ଟଙ୍କା ମଧ୍ୟ ଜବତ ହେଲାଣି । ତେବେ ମିଳିଥିବା ସୂଚନା ମୁତାବକ ଏହି ଚାରିଟି ଯାକ ଲୋକସଭା ଓ ତାହାର ଅର୍ନ୍ତଭୁକ୍ତ ୨୮ଟି ଯାକ ବିଧାନସଭା କ୍ଷେତ୍ରରେ ବିଭିନ୍ନ ଦଳ ପକ୍ଷରୁ ଭୋଜି ଭାତ ସହିତ ବ୍ୟାପକ ମଧ୍ୟ ବଣ୍ଟା ଚାଲିଛି । ଭୋଟରମାନଙ୍କୁ ଆକର୍ଷିତ କରିବାଲାଗି ତିନି ପ୍ରମୁଖ ରାଜନୈତିକଦଳ ଏବଂ ପ୍ରାର୍ଥୀମାନେ ଆକର୍ଷଣୀୟ ଅଡିଓ-ଭିଡିଓ ପ୍ରସ୍ତୁତ କରିଛନ୍ତି । ପ୍ରଚାର ଗାଡି ବେଶ ଉଚ୍ଚ ସ୍ୱରରେ ଗୀତ ସହିତ ସ୍ଲୋଗାନ ଓ ପ୍ରାର୍ଥୀମାନଙ୍କୁ ଭୋଟ ଦେବାପାଇଁ ଦୁହାକୁ ଦୁହା ନିବେଦନ ଚାଲିଛି । ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ବରଗଡ, ସୁନ୍ଦରଗଡ, ବଲାଙ୍ଗିର କନ୍ଧମାଳ ଓ ଆସିକା ଲୋକସଭା ଆସନ ଓ ତଦସଂଲଗ୍ନ ୩୫ଟି ବିଧାନସଭା କ୍ଷେତ୍ରପାଇଁ ଆସନ୍ତା ୧୮ ତାରିଖରେ ନିର୍ବାଚନ ହେବାକୁ ଥିବା ପରିପ୍ରେକ୍ଷୀରେ ଇତି ମଧ୍ୟରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରତ୍ୟାହାର ଦିନ ଗଡିଗଲାଣି । ତେଣୁ ସମ୍ପୃକ୍ତ ନିର୍ବାଚନମଣ୍ଡଳୀ ଗୁଡିକରେ ବି ପ୍ରଚାର ଅଭିଯାନ ଜମି ଆସୁଛି । ଟିକଟ ବା ଝମେଲା ସରିବାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବିଜେପିର ବହୁ ବରିଷ୍ଠ ନେତା ସମ୍ପୃକ୍ତ ଅଞ୍ଚଳକୁ ପ୍ରଚାର ପାଇଁ ଆସିବେ ।

ପ୍ରଥମ ପୃଷ୍ଠାରୁ

୫ବର୍ଷରେ ଦେଖାଇବୁ...

ଚାଷୀ ସହାୟତା ପାଉନାହାନ୍ତି । ଆୟୁଷ୍ମାନ ଭାରତ ଭଳି ପିଏମ୍ କିଷାନ ଯୋଜନାକୁ ଅସହଯୋଗ କରୁଛି । ପିଏମ୍ କିଷାନ ଯୋଜନାରେ ଓଡ଼ିଶା ସରକାର ପାଚେରୀ ହୋଇ ଛିଡା ହୋଇଛି । ତେବେ ଓଡ଼ିଶାର ଜନତା ୧୯ ବର୍ଷ ବିଜେଡି ସରକାର ଉପରେ ଭରସା କରିଥିବା ବେଳେ ନୂଆ ସୂର୍ଯ୍ୟୋଦୟ ଜରୁରୀ । ଓଡ଼ିଶା ଏବଂ ଦିଲ୍ଲୀରେ ଡବଲ ଇଞ୍ଜିନ ସରକାର କରିବା ଦରକାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶାରେ ଗତ ୫ ବର୍ଷରେ ୮ ଲକ୍ଷ ଗରିବ ପରିବାରକୁ ପକ୍କା ଘର ମିଳିଛି, ୨୪ ଲକ୍ଷ ଘରକୁ ମାଗଣା ବିଜୁଳି ଓ ସ୍ୱାଧୀନତାର ୭୦ ବର୍ଷ ପରେ ମାଗଣାରେ ୩ହଜାର ଗାଁରେ ମାଗଣା ବିଜୁଳି ପହଁଚିଛି, ୪୦ ଲକ୍ଷ ଗରିବ ମା' ଭଉଣୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ମିଳିଛି, ପ୍ରାୟ ୧ କୋଟି ୪୦ ଲକ୍ଷ ଲୋକଙ୍କର ବ୍ୟାଙ୍କ ଖାତା ଖୋଲାଯାଇଛି, ୫୦ ଲକ୍ଷ ଶୌଚାଳୟ ମହିଳାଙ୍କ ଇଜ୍ଜତ ଘରସ୍ୱରୂପ ବନାଯାଇଛି । ଏହା ମୋଦି ନୁହେଁ, ଏ ସବୁ କାମ ଲୋକଙ୍କ ଭୋଟରୁ ହୋଇଛି । ଲୋକମାନଙ୍କ ଭୋଟ କାରଣରୁ ହିନ୍ଦୁସ୍ତାନରେ ଏକ ଉଜ୍ଜ୍ୱଳା ଆସିଛି । ଗରିବଙ୍କ ଭାଗ୍ୟରେ ପରିବର୍ତ୍ତନ କରିଛି । ସମସ୍ତ ସଫଳତାର ଶ୍ରେୟ ହିନ୍ଦୁସ୍ତାନର ମତଦାତା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ୨୦୧୪ରେ ବିଜେପି ସରକାର ଓଡ଼ିଶାରେ ହୋଇଥିଲେ ଏ ସୁବିଧା ପହଞ୍ଚେଇବାର ଯେଉଁ କଷ୍ଟ ହେଉଛି ସେହି କାମ ଦ୍ରୁତ ଗତିରେ ହୋଇପାରିଥାନ୍ତା । କିନ୍ତୁ ରାଜ୍ୟ ସରକାର ଅଚଳ ହୋଇଯାଇଛି ବୋଲି ସେ କହିଛନ୍ତି । ଶ୍ରୀ ମୋଦି କହିଛନ୍ତି ଯେ କଂଗ୍ରେସର ୭୦ ବର୍ଷ ଶାସନରେ ଆଦିବାସୀ ମନ୍ତ୍ରାଳୟ ନଥିଲା । କିନ୍ତୁ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଏହାକୁ ଗଠନ କରିଥିଲେ । ସେହିପରି ବିଜେପି ସରକାରରେ ଓଡ଼ିଶା ଏବଂ ଭାରତରେ ମତ୍ସ୍ୟଜୀବୀଙ୍କ ପାଇଁ ପାଇଁ ସ୍ୱତନ୍ତ୍ର ମନ୍ତ୍ରାଳୟ ଗଠିତ ହୋଇଛି । ଜଙ୍ଗଲ ଉତ୍ପାଦର ବିକ୍ରି ମୂଲ୍ୟ ଗଠନ କରାଯାଇଛି । ୫ ବର୍ଷ ପୂର୍ବରୁ ୧୦ଟି ବନଜାତ ଦ୍ରବ୍ୟରେ ଏମ୍ଏସ୍‌ପି ମିଳୁଥିଲା, ଯାହା ଏବେ ୫୦ ଛୁଇଁଛି । ବାଉଁଶ ନିୟମରେ ମଧ୍ୟ ପରିବର୍ତ୍ତନ ହୋଇଛି । ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ୧ଲକ୍ଷ ଏକଲବ୍ୟ ମଡେଲ ସ୍କୁଲ ନିର୍ମାଣ ହୋଇଛି । ବିକାଶ ପାଇଁ ସମସ୍ତ କାର୍ଯ୍ୟ କରାଯାଇଛି । ଫଳରେ ଅନେକ ନକ୍ସଲ ଯୁବକ ସମାଜର ମୁଖ୍ୟଧାରାରେ ସାମିଲ ହେଉଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏଠାରେ ରାଜୀବ ଗାନ୍ଧି ଏଠାକୁ ୧ ଟଙ୍କା ପଠାଇଲେ ୧୫ ପଇସା ପହଁଚୁଛି ବୋଲି କହିଥିଲେ । ଏହାକୁ କଂଗ୍ରେସ ନିଜେ ସ୍ୱୀକାର କରିଛି । କିନ୍ତୁ ଦଳ କିଛି କରିଲା ନାହିଁ । ଏମାନେ ରୋଗ ବିଷୟରେ କୁହନ୍ତି ହେଲେ ଔଷଧ ଦିଅନ୍ତି ନାହିଁ । ମାତ୍ର ମୋଦି ରୋଗ ଦେଖି କଡ଼ା ଔଷଧ ଦିଏ । ପୂର୍ବରୁ କଂଗ୍ରେସର ରିମୋର୍ଟ କଂଟ୍ରୋଲ ସରକାରରେ ସୁଧାର ଆସିଥିଲା । ରାଜୀବଙ୍କ ସମୟରେ ୧୫ ପଇସା ଆସିଥିଲା କିନ୍ତୁ ମନମୋହନ ସରକାରରେ ୧୭ ପଇସା ଆସିଲା କହି ଶ୍ରୀ ମୋଦି କଟାକ୍ଷ କରିଛନ୍ତି । ଗରିବଙ୍କ ଟଙ୍କା ଲୁଟିଥିବା ଦଳକୁ କ୍ଷମା ଦିଆଯାଇ ପାରିବ ନାହିଁ । ବିଜେପି ସରକାରରେ ବର୍ତ୍ତମାନ କେନ୍ଦ୍ର ଦିଲ୍ଲୀରୁ ୧୦୦ ପଇସା ପଠାଇଲେ ସବୁ ପଇସା ଗରିବଙ୍କ ପକେଟରେ ପହଁଚୁଛି । କେନ୍ଦ୍ର ସରକାର ୨୪ ଟଙ୍କାରେ କିଣୁଥିବା ଗହମ ଗରିବଙ୍କୁ ୨ ଟଙ୍କାରେ ମିଳେ । ଗରିବଙ୍କ ସୁବିଧା ପାଇଁ ଚାଉଳ ମଧ୍ୟ ୩୦ ଟଙ୍କାରେ କିଣି କେବଳ ୩ଟଙ୍କାରେ ସେମାନଙ୍କୁ ମିଳିଥାଏ । କିନ୍ତୁ ଏହାର ସୁଫଳ ଗରିବଙ୍କୁ ମିଳୁ ନଥିଲା । ଯାହା ଏବେ ଦୂର ହୋଇଛି । ୮ କୋଟି ଏପରି ଦଲାଲୀ ଲୋକଙ୍କୁ ସନ୍ଧାନ କରାଯାଇଛି, ଯେଉଁମାନେ ଗରିବଙ୍କୁ ଲୁଟ କରି ସେହି ଟଙ୍କାକୁ କଳାଧନରେ ପରିଣତ କରୁଥିଲେ । ବିଜେପି ଜାଲ ହିତାଧିକାରୀଙ୍କୁ ବାହାର କରିବା ସହ ଏହା ଉପରେ ରୋକ ଲଗାଇଛି । କିନ୍ତୁ ଗରିବଙ୍କୁ ଲୁଟିଥିବା ବିରୋଧୀ ଚୌକିଦାର ହଟାଅ ଏବଂ ମୋଦି ହଟାଅ କହୁଛନ୍ତି । ଗରିବଙ୍କ ହକକୁ ରକ୍ଷା କରିବା ପାଇଁ ଏହି ଗାଳି ମୋ ପାଇଁ ଗହଣା ସଦୃଶ ବୋଲି ମୋଦି କହିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ଓ ମୁଖପାତ୍ର ବୈଜୟନ୍ତ ପଣ୍ଡା, ରାଜ୍ୟ ସଭାପତି ତଥା ଦଳୀୟ ଲୋକସଭା ପ୍ରାର୍ଥୀ ବସନ୍ତ ପଣ୍ଡା, ବରିଷ୍ଠ ନେତା ଡ.ଦାମୋଦର ରାଉତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ସମସ୍ତ ବିଧାନସଭା ପ୍ରାର୍ଥୀ ଓ ଜିଲ୍ଲା ସଭାପତି ପ୍ରମୁଖ ଉପସ୍ଥିତ ଥିଲେ ।

କଂଗ୍ରେସର...

ଜିଡିପିର ୬ ପ୍ରତିଶତ ଶିକ୍ଷା ବ୍ୟବସ୍ଥାର ବିକାଶ ପାଇଁ ଦିଆଯିବ । ଗରିବଙ୍କୁ ସବୁଠାରୁ ଭଲ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ । ଏହି ଅବସରରେ ରାହୁଲ କହିଛନ୍ତି ଯେ କଂଗ୍ରେସ ଦେଶକୁ ଯୋଡ଼ିବାକୁ କାମ କରିବ । ଜାତୀୟ ଓ ଅନ୍ତର୍ଜାତୀୟ ପଲିସି ଉପରେ ଆମର ଅଧିକ ଗୁରୁତ୍ୱ ରହିବ ।

୨ ଲୋକସଭା ଓ ...

ଯାଜପୁରରୁ ପୁଣି ପ୍ରଣବ ପ୍ରକାଶ ଦାସଙ୍କୁ ଟିକେଟ୍ ମିଳିଛି । ସେହି ପରି ଢେଙ୍କାନାଳ ଲୋକସଭା ଆସନରେ ପାଲଲହଡାର ବିଧାୟକ ମହେଶ ସାହୁ ଓ କେନ୍ଦୁଝର ଲୋକସଭାରୁ ଚନ୍ଦ୍ରାଣୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯାଇଛି । ଏହାକୁ ମିଶାଇ ଦଳ ଏ ପର୍ଯ୍ୟନ୍ତ ମୋଟ୍ ୧୪୪ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି । ଏହିଭଳି ବିଜେଡି ସବୁ ଲୋକସଭା ସିଟ୍ ପାଇଁ ପ୍ରାର୍ଥୀ ଘୋଷଣା କରି ସାରିଛି । ଘୋଷିତ ୭ ବିଧାନସଭା ଆସନରୁ ୫ ବିଧାୟକଙ୍କ ଟିକେଟ୍ କଟିଛି । ଭୁବନେଶ୍ୱର ମଧ୍ୟରୁ ବିଜୟ ମହାନ୍ତିଙ୍କ ଟିକେଟ୍ କାଟି ଅନନ୍ତ ନାରାୟଣ ଜେନାଙ୍କୁ ପ୍ରାର୍ଥୀ କରାଯାଇଛି । ସେହି ଭଳି ଭୁବନେଶ୍ୱର ଉତ୍ତରରେ ବିଧାୟକ ପ୍ରିୟଦର୍ଶୀଙ୍କ ଟିକେଟ୍ କଟାଯାଇଛି । ଏହି ଆସନରୁ ସୁଶାନ୍ତ ରାଉତଙ୍କୁ ଦଳ ଟିକେଟ୍ ଦେଇଛି । ସେହିଭଳି ଖଣ୍ଡପଡାର ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଟିକେଟ୍ କାଟି ରାଜ୍ୟସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଟିକେଟ୍ ଦିଆଯାଇଛି ।

ଏହି ପରି ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁଙ୍କ ବଦଳରେ ରମେଶ ସାଏ, କୋରେଇରୁ ବିଧାୟକ ଆକାଶ ଦାସ ନାୟକଙ୍କ ଟିକେଟ୍ କାଟି ଅଶୋକ ବଳଙ୍କୁ ଦଳ ପ୍ରାର୍ଥୀ କରିଛି । ପାଲଲହଡାରୁ ବିଧାୟକ ମହେଶ ସାହୁଙ୍କୁ ଢେଙ୍କାନାଳ ଲୋକସଭାରୁ ପ୍ରାର୍ଥୀ କରି ଉକ୍ତ ବିଧାନସଭାରୁ ମୁକେଶ ପାଲଙ୍କୁ ଟିକେଟ୍ ଦେଇଛି । କୋରେଇରୁ ବିଧାୟକ ଆକାଶ ଦାସ ନାୟକଙ୍କ ବଦଳରେ ଅଶୋକ ବଳଙ୍କୁ ପ୍ରାର୍ଥୀ କରାଯାଇଛିଛି କେବଳ ଯାଜପୁରରେ ପୁଣି ଥରେ ହେବିଓ୍ୱେଟ୍ ନେତା ପ୍ରଣବ ପ୍ରକାଶ ଦାସଙ୍କୁ ଦଳ ଟିକେଟ୍ ଦେଇଛିଛି

ବିଜେଡ଼ି ଆସିବେ...

ନିର୍ବାଚନ ପ୍ରଚାର ଓଡ଼ିଶାର ଜୟପୁରରୁ ଆରମ୍ଭ କଲେ ସେହିଦିନ ହିଁ ବିଜେପିରୁ ଟିକେଟ୍ ପାଇଥିବା ଆନନ୍ଦପୁରର ଭାଗୀରଥି ସେଠୀ ଦଳ ଛାଡ଼ିଥିଲେ ଓ ବିଜେଡିରେ ସାମିଲ୍ ହୋଇଥିଲେ । ମଙ୍ଗଳବାର ମଧ୍ୟ ଅନୁରୂପ ଘଟଣା ଘଟିଛି । ପ୍ରଧାନମନ୍ତ୍ରୀ ତାଙ୍କର ଦ୍ୱିତୀୟ ନିର୍ବାଚନ ପ୍ରଚାରରେ ଆସି ଭବାନୀପାଟଣାରେ ଉଦ୍‌ବୋଧନ ଦେଉଥିବା ବେଳେ ଠିକ୍ ସେତିକି ବେଳେ ଭୁବନେଶ୍ୱରରେ ବିଜେପିର ଟିକେଟ୍ ନେଇଥିବା କାକଟପୁରର ତୁଷାରକାନ୍ତୀ ବେହେରା ଶଙ୍ଖ ଧରିଛନ୍ତି । ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି । ଯଦି ଏହିଭଳି ପ୍ରକ୍ରିୟା ଲାଗିରହେ ଓ ଦଳର ମୁଖପାତ୍ରଙ୍କ ସୂଚନା ବାସ୍ତବ ରୂପ ନିଏ ତା'ହେଲେ ବିଜେପି ପାଇଁ ନାମାଙ୍କନ ଦାଖଲର ଶେଷପର୍ଯ୍ୟାୟରେ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ।

AFFIDAVIT

By virtue of an affidavit before Executive Magistrate, Kujanga ON 25.03.2019, I, Durga Madhab Sahoo, S/O- Rabindranath Sahoo, resident of Nuabazar, Bachelor Qtr, Paradeep, Dist-Jagatsinghpur declare that my original "Bachelor of Pharmacy" Pass Certificate alongwith Grade Sheet bearing Sl. No. BDC15030020 has been lost while travelling by bus at Nuabazar on 17.3.19

ପୂର୍ବ ତଟ ରେଳପଥ

ଟେଣ୍ଡର ନଂ. ELS-ANGL-OT-18-19-09
କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ଇଲେକ୍ଟ୍ରିକ୍ ଲୋକୋ ସେଡ୍, ପୂର୍ବ ତଟ ରେଳପଥ, ଅନୁଗୋଳର ଏସି ଇଲେକ୍ଟ୍ରିକ୍ ଲୋକୋମୋଟିଭ୍ (WAG7) ଗୁଡ଼ିକର ଟାଇପ୍(HETT 5400, 4 କୋଟି କପର ଭଣ୍ଡ (Wound) ଟ୍ରାନ୍ସଫର୍ମରଗୁଡ଼ିକର ମରାମତି ।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 64,00,207.88, EMD (ଟଙ୍କାରେ) : 1,28,000/-, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 ମାସ ।
ବିକ୍ରି ଆରମ୍ଭ ହେବା ତାରିଖ : ତା.12.04.2019ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 26.04.2019 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ଏଭଳି ପ୍ରସ୍ତୁତ ଯେକୌଣସି ମାନୁଆଲ ଅଫରକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ଦସ୍ତାବିଜ ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ http://www.ireps.gov.in ରେ ।
ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୋଳ
PR-02/K/19-20

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ ନମ୍ବର

ଅନୁଗୁଳ -ସଂଗ୍ରାମ ଦାସ-୯୪୩୯୦୧୬୦୧୯, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ଦାସ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, ଭଦ୍ରକ-ଉମାକଲ୍ୟାଣ ମହାପାତ୍ର-୯୦୯୦୯୦୪୦୭୭, ବୌଦ୍ଧ-ରଘୁନାଥ ଷଡ଼ଙ୍ଗୀ-୯୪୩୭୨୯୮୯୭୪, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଢେଙ୍କାନାଳ-ଇମ୍ତିଆଜ ହୁସେନ୍-୯୪୩୭୦୭୪୦୩୩, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଜଗନ୍ନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତସିଂହପୁର-ନିଧିରାମ ମହାରଣା-୯୮୬୧୪୩୪୯୩୪, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାରଦୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୮୧୩୩୭୪, ଖୋର୍ଦ୍ଧା-ତପନ ନାଏକ-୯୪୩୭୪୨୧୯୮୩, କୋରାପୁଟ-କେ.ନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୬୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାଲିକ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୬୧୧୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୬୬୮୦, ପୁରୀ-ବିଶ୍ୱଜିତ ପଟ୍ଟନାୟକ-୯୪୩୭୨୮୦୨୪୪, ସୋନପୁର-ନବକିଶୋର ମିଶ୍ର-୯୯୩୭୮୦୩୬୨, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୨୨୨, କେନ୍ଦୁଝର-ପବିତ୍ର ବେହେରା-୯୮୬୩୧୫୨୪୩୧, ରାୟଗଡ଼ା- ରବୀନ୍ଦ୍ର ପାଢୀଶର୍ମା- ୯୪୩୭୭୨୯୦୯୪୯ ।